# କେନ୍ଦୁଝର : ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ

କେନ୍ଦୁଝର, ତା ୧୬.୦୩. ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ସାମାଜିକ ଚେତନାର ବାର୍ତାବହ ବୋଲି ଜିଲ୍ଲାପାଳ ଆଶିଷ ଠାକରେ ମତବ୍ୟକ୍ତ କରିଛନ୍ତି । ଚଳିତ ମାର୍ଚ୍ଚ ୧୬ ତାରିଖ ବୁଧୁବାର ଦିନ ଜିଲ୍ଲା ସଂସ୍କୃତି ଭବନ ଅଡିଟରିୟମ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିମାନଙ୍କର ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମତବ୍ୟକ୍ତ କରି ସମାଜର ବୃହତର ସ୍ୱାର୍ଥ ଦୃଷ୍ଟିରୁ ଆଶାକର୍ମୀମାନେ ନିଜକୁ ଜଣେ ଜଣେ ସାମାଜିକ ଯୋଦ୍ଧା ଭାବି ସମାଜର ବହୁମୂଲ୍ୟ ସେବା କରିବାକୁ ଆହ୍ୱାନ ଜଣାଇଥିଲେ । ଉଦ୍‌ବୋଧନ ଛଳରେ ଜିଲ୍ଲାପାଳ କହିଥିଲେ ଯେ ଆଶାକର୍ମୀମାନେ ଯଥାର୍ଥରେ ସମାଜକୁ ଆଶାର କିରଣ ପ୍ରଦାନ କରୁଛନ୍ତି । ଖରା, ବର୍ଷା, ଶୀତକାକର ସହି ଅନେକ କଷ୍ଟ ସ୍ୱୀକାର ପୂର୍ବକ ମାଆ ଓ ଶିଶୁଙ୍କର ଯେଉଁ ସେବା କରୁଛନ୍ତି ତାର ପଟାନ୍ତର ନାହିଁ । ମା'ସିନା ନିଜ ସନ୍ତାନ ପାଇଁ କଷ୍ଟ ସହିଥାଏ, କିନ୍ତୁ ଆଶାକର୍ମୀମାନେ ଅନେକ ସନ୍ତାନ ପାଇଁ ଯେଉଁ କଷ୍ଟସ୍ୱୀକାର କରୁଛନ୍ତି ସେଥିପାଇଁ ପ୍ରଶଂସା ଯଥେଷ୍ଟ ହେବ ନାହିଁ ବୋଲି କହିବା ସହିତ ଆଶାମାନେ ଅଧିକ କ୍ରିୟାଶୀଳ ହୋଇ ନିଜର ଗାରିମା ବୃଦ୍ଧି କରିବାକୁ ଆହ୍ୱାନ ଜଣାଇଥିଲେ । ଏତଦ୍‌ବ୍ୟତୀତ ଆଶାକର୍ମୀମାନେ ନିଜର ସେବାମୂଳକ କାମ ପାଇଁ ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇପାରିଛନ୍ତି ବୋଲି କହିବା ସହିତ ସେମାନେ ଗାଁର ଆଦର୍ଶ ବୋଲି ମତବ୍ୟକ୍ତ କରିଥିଲେ । ଏତଦ୍‌ବ୍ୟତୀତ ଗାଁରେ ସ୍ୱାସ୍ଥ୍ୟ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଓ ସ୍ୱଚ୍ଛତାର ସୁଧାର କ୍ଷେତ୍ରରେ ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ଭୂମିକା ଉଲ୍ଲେଖନୀୟ ବୋଲି କହିଥିଲେ । ସାଧାରଣ ଲୋକମାନଙ୍କ ପାଇଁ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିମାନେ ଆଶା ଭରଷାର ବତୀଘର ବୋଲି କହିବା ସହିତ ସେମାନଙ୍କର କାର୍ଯ୍ୟ ପରିସରକୁ ଅଧିକ ସଂପ୍ରସାରିତ କରି ଜନସାଧାରଣଙ୍କୁ ମହନୀୟ ସେବା ଯୋଗାଇଦେବାରେ ନିୟୋଜିତ ରଖିବାକୁ ଆହ୍ୱାନ ଜଣାଇଥିଲେ । କୋଭିଡ୍ ମହାମାରୀ ସମୟରେ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ଯେଉଁ ପ୍ରକାରର ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ତାହାର ପଟାନ୍ତର ନାହିଁ ବୋଲି କହିବା ସହିତ ସେମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଆଶାମାନଙ୍କର କାର୍ଯ୍ୟ ଆଶା କିଟ୍ ଭିତରେ ସୀମିତ ହୋଇ ରହିନାହିଁ । ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର କାର୍ଯ୍ୟ ପରିସର ବ୍ୟାପକ ହୋଇଛି । ଆଶାକର୍ମୀମାନେ ନିଷ୍ଠା ଓ ଅଙ୍ଗୀକାର ସହ କାର୍ଯ୍ୟ କଲେ ଜିଲ୍ଲାର ସ୍ୱାସ୍ଥ୍ୟସେବାର ଚିତ୍ର ବଦଳିଯାଇ ପାରିବ ଏବଂ ସମାଜର ଅଶେଷ କଲ୍ୟାଣ ସାଧିତ ହୋଇପାରିବ । ଆଶାକର୍ମୀ, ଅଙ୍ଗନଓ୍ୱାଡିକର୍ମୀ, ଏ.ଏନ୍.ଏମ୍., ସ୍ୱୟଂ ସହାୟକ ଗୋଷ୍ଠୀ, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସିମିତି ସମ୍ମିଳିତ ଭାବେ ସେବା ଯୋଗାଇଦେଲେ ଲୋକମାନଙ୍କ ମୁହଁରେ ହସ ଫୁଟିବ । ଜିଲ୍ଲାରେ ଶିଶୁ ମୃତ୍ୟୁହାର,ମାତୃ ମୃତ୍ୟୁହାର ଏବଂ ମ୍ୟାଲେରିଆ ନିୟନ୍ତ୍ରଣ କ୍ଷେତ୍ରରେ ଆଶାକର୍ମୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଉଚ୍ଚପ୍ରଶଂସା କରି ଆଗାମୀ ଦିନରେ ଏହାର ସଂପୂର୍ଣ୍ଣ ନିୟନ୍ତ୍ରଣ ପାଇଁ ସଂକଳ୍ପ ନେବାକୁ ଜିଲ୍ଲାପାଳ ଶ୍ରୀ ଠାକରେ ଆହ୍ୱାନ ଜଣାଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ସୁଜାତାରାଣୀ ମିଶ୍ର ନିଜ ବକ୍ତବ୍ୟରେ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତମାନଙ୍କର ଉଲ୍ଲେଖନୀୟ ସେବା ନିମନ୍ତେ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟକ୍ରମକୁ ରୂପାୟନ କରିବାରେ ସେମାନଙ୍କର ଯୋଗଦାନର ଭୂୟସୀ ପ୍ରଶଂସା କରିଥିଲେ । ଏଡିପିଏଚଓ (ଭିବିଡି) ଡାଃ ଦେବେନ ଦାସ, ଏଡିପିଏଚଓ(ଏଫ୍.ଡବ୍ଲ୍ୟୁ.) ଡାଃ ପ୍ରଣତିନୀ ନାୟକ, ଏଡିପିଏଚଓ(ଲେପ୍ରୋସି) ଡାଃ ସୁତକିର୍ତି ମହାନ୍ତି, ଡି.ପି.ଏମ୍. ଏନ୍.ଏଚ୍.ଏମ୍. ନିତ୍ୟରଞ୍ଜନ ବରାଳ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ଦିଲ୍ଲିପ୍ କୁମାର ସାମନ୍ତରାୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ଅନସୂୟା ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ଦେବାଙ୍ଗନା ବାରିକ ପ୍ରମୁଖ ନିଜ ନିଜ ବିଭାଗୀୟ କାର୍ଯ୍ୟକ୍ରମ ସଂପର୍କରେ ଜନସଚେତନତା ସୃଷ୍ଟି ପାଇଁ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତମାନଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ । ଜାତୀୟ ସ୍ୱାସ୍ଥ୍ୟ ମିଶନ ଆସିଷ୍ଟାଂଟ୍ ମ୍ୟାନେଜର କମ୍ୟୁନିଟି ପ୍ରସେସ୍ ପ୍ରସନ୍ନ କୁମାର ଦେବତା ବାର୍ଷିକ ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ କେନ୍ଦୁଝର ସଂଜୀବ ବାରିକ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ସଂଚାଳନା କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ସ୍ମରଣୀକା "ଆଶାର କିରଣ" ଜିଲ୍ଲାପାଳଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଉକ୍ତ ବାର୍ଷିକ ସମ୍ମିଳନୀରେ ଏହି ସମ୍ମିଳନୀରେ ଆଶାକର୍ମୀମାନେ ନିଜ ଅଭିଜ୍ଞତା ବାଂଟି ଥିଲେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା ବାର୍ତା ପ୍ରଚାର କରିବାର ନମୁନା ପ୍ରଦର୍ଶନ କରିଥିଲେ । ଏହି ଅବସରରେ ସମାଜର ବହୁମୂଲ୍ୟ ସେବା କରିଥିବା ୦୬ ଜଣ ଆଦର୍ଶ ଆଶାକର୍ମୀ, ୧୩ ଗୋଟି ଶ୍ରେଷ୍ଠ ଗାଁ କଲ୍ୟାଣ ସମିତି, ଶ୍ରେଷ୍ଠ ଗ୍ରାମ ପଂଚାୟତ, ୦୮ଟି ମହିଳା ଆରୋଗ୍ୟ ସମିତିକୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଶାକର୍ମୀ, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର କର୍ମକର୍ତା, ବିଭିନ୍ନ ସି.ଏଚ୍.ସି.ର ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର, ବ୍ଲକ୍ ଆକାଉଂଟ୍ ମ୍ୟାନେଜର, ବି.ଡି.ଏମ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଆକାଉଂଟ୍ ମ୍ୟାନେଜର ମନୋଜ କୁମାର ରାଉତ, ଏ.ପି.ଏମ୍. ସନ୍ଦିପ୍ ବରଣ ଓଝା, ଏସ୍.ଏ. ନୃସିଂହ ନାରାୟଣ ନନ୍ଦ, ଏ.ଏମ୍. ଆଇସିବିସିସି ଅନନ୍ୟ ମିହିର, ଡିଏମଆରସିଏଚ୍ ସବିତା କୁମାରୀ ପଣ୍ଡା, ଆରବିଏସ୍‌କେ ମ୍ୟାନେଜର ବିଜନ ସାହୁ, ଡି.ଡି.ଏମ୍. ନିହାର ରଞ୍ଜନ ପଟ୍ଟନାୟକ, ଏଲ୍ ଏସ୍. ସୂର୍ଯ୍ୟ ପ୍ରକାଶ ପଣ୍ଡା, ଆଇସିଏ ଚିତରଞ୍ଜନ ଜେନାଙ୍କ ସମେତ ଡିପିଏମ୍‌ୟୁର ସମସ୍ତ କର୍ମଚାରୀ ସମ୍ମିଳନୀ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ସେବା ସଂପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଦର୍ଶନୀ ମଣ୍ଡପ ମାନ ଖୋଲାଯାଇଥିଲା ।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର